# Akashvani, Sambalpur

## SAMBALPURI NEWS EVENING BULLETIN

## 20 August 2026-7.02- 7.12 pm.

---

୧- ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାଥି ଖରିଫ୍ ଋତୁ ଲାଗି ପଞ୍ଜିକରଣ୍ ସମିଆ ଫେର୍‌ଘାଏ ବଢ଼ାଲେ ସର୍‌କାର୍ ।

୨- ରାଜ୍ୟ ପ୍ରଶାସନ୍‌ର ନିଷ୍ପତି ଆଉ ଇତାର୍ ତୁର୍‌ତି କାର୍ଯ୍ୟାନ୍ୱୟନ୍ ଲାଗି ଏତ୍‌କର ଫିଁ’ ମାସେ ୨ ଥର୍ ହେବା ରାଜ୍ୟ କେବିନେଟ୍‌ର ବୈଠକ୍ ।

୩- ରାଜ୍ୟର୍ ଗାଁ ଇଲାକା ମାନ୍‌କେ ଲୁକ୍‌କୁ ମିଲ୍‌ବା ସହରୀ ସୁବିଧା- କହେଲେ ପଂଚାୟତିରାଜ୍ ମନ୍ତ୍ରୀ ।

୪- ରାଏଜେ ବେଟ୍‌ରୀ, ମେଥାନଲ୍ ଆଉ ଇଥାନଲ୍ ଇନ୍ଧନ୍ ଚାଲିତ୍ ଗାଡ଼ି ମାନ୍‌କର୍ ପର୍‌ମିଟ୍ ଫିଁ’କେ କରାଯିବା ଛାଡ଼୍ ।

ଆଉର୍

୫- ବଙ୍ଗୋପ୍‌ସାଗର୍ ନ ଆଏବା ଶନିବାର୍ ଆଉ ଗୁଟେ ଲଘୁଚାପ୍ ହେବାର୍ ସମ୍ଭାବନା ।

ପଞ୍ଜିକରଣ୍ ସମିଆ          ଆଇ.ଆଣ୍ଡ୍.ପି.ଆର୍

ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାଥି ଖରିଫ୍ ଋତୁ ଲାଗି ପଞ୍ଜିକରଣ୍ ସମିଆକେ ଫେର୍‌ଘାଏ ଆଏବା ୩୧ ତାରିଖ୍‌ତକ୍ ବଢ଼ାଯାଇଛେ । ରାଜ୍ୟ ସର୍‌କାର୍‌ଙ୍କର୍ ସମବାୟ ବିଭାଗ୍‌ର ଅନୁରୋଧ୍‌ଥି ଭାରତ୍ ସର୍‌କାର୍‌ଙ୍କର୍ କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରଣାଲୟ ତର୍‌ଫୁ ଇ ସମିଆକେ ବଢ଼ାଯାଇଛେ । ପ୍ରାକୃତିକ ବିପର୍ଯ୍ୟୟ ଆଉ ଅଲ୍‌ଗା କାରଣ୍ ଲାଗି ହେଉଥିବା ଫସଲ୍ ନୁକ୍‌ସାନ୍‌ନୁ ସୁରକ୍ଷା ଆଉ ଅଏତ୍‌କାନୁ ଅଏତ୍‌କା ଯୋଗ୍ୟ ଚାଷୀମାନ୍‌କୁ ଇ ବୀମା ଯୋଜ୍‌ନାଥି ସାମିଲ୍ କର୍‌ବାର୍ ଲାଗି ପଞ୍ଜିକରଣ୍ ସମିଆ ବଢ଼ାଯାଇଥିବାର୍ ଜନାପଡ଼ିଛେ । ଇନ ଜନେଇ ଦିଆଯାଇପାରେ ଯେ, ଇ ବଢ଼ାଯାଇଥିବାର୍ ସମିଆଥି ଫସଲ୍ ବୀମା ପଞ୍ଜିକରଣ୍ ଗଞ୍ଜାମ୍, କଲାହାଣ୍ଡି, ପୁରୀ, ସୁବର୍ଣ୍ଣପୁର୍, ବର୍‌ଗଡ୍, ଭଦ୍ରକ୍, ଗଜପତି, ଯାଜ୍‌ପୁର୍ ଆଉ ଜଗତ୍‌ସିଂହପୁର୍ ଜିଲ୍ଲା ନ ଖାଲି ଋଣି ଚାଷୀ ମାନ୍‌କର୍ ଲାଗି ମିଳିପାର୍‌ବା । ବାକି ଜିଲ୍ଲାମାନ୍‌କେ ଅଲ୍‌ଗା ସବୁ

ଯୋଗ୍ୟ ଚାଷୀମାନ୍‌କର୍ ଲାଗି ବୀମା ପଞ୍ଜିକରଣ୍ ମିଲିପାର୍‌ବା ବଲି ସୂଚ୍‌ନା ମିଲିଛେ ।

କେବିନେଟ୍ ବୈଠକ୍ ଭୁବନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ପ୍ରଶାସନ୍‌ର ନିଷ୍ପତି ଗ୍ରହଣ୍ ପ୍ରକ୍ରିୟାକେ ଅଏତ୍‌କା ଗତିଶୀଳ କର୍‌ବାର୍ ସହେତେ କେବିନେଟ୍ ନିଷ୍ପତିର ତୁର୍‌ତି କାର୍ଯ୍ୟାନ୍ୱୟନ୍ ଉପ୍‌ରେ ରାଜ୍ୟ ସର୍‌କାର୍ ଜୋର୍ ଦେଇଛନ୍ । ଏତ୍‌କର ଫି’ ମାସେ ୨ ଥର୍ କେବିନେଟ୍ ବୈଠକ୍ ହେବା । ଇଥିର୍‌ଲାଗି ସବୁ ପ୍ରଶାସନିକ୍ ବିଭାଗ୍‌କେ ଆଗ୍‌ତୁରା ହିସାବେ ନିଜର୍ ନିଜର୍ ପ୍ରସ୍ତାବ୍ ତିଆର୍ କର୍‌ବାର୍‌କେ କୁହାଯାଇଛେ । ଇତାର୍‌ସହେତେ ଧାରିଜ୍ ବୈଠକ୍‌ର ଖୋବ୍ ଆଘୋନୁ କେବିନେଟ୍ ନୋଟ୍ ମୁଖ୍ୟ ଶାସନ୍ ସଚିବଙ୍କର୍ ପାଶେ ଦାଖଲ୍ କର୍‌ବାର୍‌କେ କୁହାଯାଇଛେ । ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ନ ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସଚିବସ୍ତରୀୟ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଇତାର୍‌ଜରିଏ କେବିନେଟ୍‌ଥି ପ୍ରସ୍ତାବ୍ ଉପ୍‌ରେ ଠିକ୍ ସମିଆଥି ନିଷ୍ପତି ନେବାର୍

ଉପ୍ରେ ଅଏତ୍କା ସୁସଂଗଠିତ୍ କରାଯାଇପାର୍ବା । କେବିନେଟ୍ର ଅନୁମୋଦିତ୍ ନିଷ୍ପତି ମାନ୍କର୍ ଅନୁଧ୍ୟାନ୍ କରିକରି ସେସବୁକେ ଧାରିଜ୍ ସମିଆଥି କାର୍ଯ୍ୟକାରୀ କର୍ବାର୍କେ ସବୁ ପ୍ରଶାସନିକ୍ ବିଭାଗ୍କେ ନିର୍ଦ୍ଦେଶ୍ ଦିଆଯାଇଛେ ।

ଜଲ୍ସମ୍ପଦ୍ ବିଭାଗ୍ -ସମୀକ୍ଷା ବୈଠକ୍ ହି.ସ.

ଭୁବନେଶ୍ୱର୍ ନ ଥିବା ଜଲ୍ସମ୍ପଦ୍ ବିଭାଗ୍ର ସମ୍ମିଲନୀ କକ୍ଷ ନ ପ୍ରମୁଖ ଶାସନ୍ ସଚିବ ଶୁଭା ଶର୍ମାଙ୍କର୍ ଅଧ୍ୟକ୍ଷତାଥି ଜଲ୍ସମ୍ପଦ୍ ବିକାଶ୍ର କାର୍ଯ୍ୟାନ୍ୱୟନ୍ ଆଉ ଖର୍ଚ୍ଚାର୍ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍ଥି ରାଜ୍ୟର୍ ଜଲ୍ସମ୍ପଦ୍ କ୍ଷେତ୍ରଥି କାର୍ଯ୍ୟକାରୀ ହଉଥିବା ଭିନ୍ ଭିନ୍ ବିକାଶ୍ମୂଲକ୍ କାମ୍କେ ତୁର୍ତି କର୍ବାର୍ ଆଉ ପ୍ରକଳ୍ପ ମାନ୍କର୍ ଠିକ୍ ସମିଆଥି କାର୍ଯ୍ୟାନ୍ୱୟନ୍ ଉପ୍ରେ ଆଲୋଚନା କରାଯାଇଛେ । ଟେଣ୍ଡର୍ ପ୍ରକ୍ରିୟା ଶେଷ୍ ହେଇଥିବା ଆଉ ପ୍ରସ୍ତାବିତ୍ କାମ୍ ସହେତେ ପ୍ରମୁଖ୍ ଜଲ୍ସେଚନ୍, ଡେମ୍ ନିଷ୍କାସନ୍, ବେରେଜ୍ ଆଉ

କେନାଲ୍ ପ୍ରକଳ୍ପର୍ କାମ୍‌କେ ତୁର୍‌ତି କର୍‌ବାର୍ ଲାଗି ଶ୍ରୀମତୀ ଶର୍ମା ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ପି.ଏମ୍. ଗତିଶକ୍ତି ପୋର୍ଟାଲ୍ ବାବ୍‌ଦେ ଭିଲ୍ ଆଲୋଚନା ହେଇଛେ । ଇ ପ୍ଲାଟ୍‌ଫର୍ମର ପ୍ରଭାବ୍‌ଶାଳୀ ବେଭାର୍, ଜଳକର ଆଦାୟ ବଢ଼ାବାର୍, ବିଭାଗୀୟ କାମ୍‌ର ନିରୀକ୍ଷଣ୍ ଆଉ ପରିଚାଳନାକେ ସୁନିଶ୍ଚିତ୍ କର୍‌ବାର୍‌କେ ସମ୍ପୃକ୍ତ ଅଧିକାରୀମାନ୍‌କୁ ଜରୁରୀ ପଦକ୍ଷେପ୍ ନେବାର୍ ଲାଗି ବୈଠକ୍‌ଥି ଜୋର୍ ଦିଆଯାଇଥିଲା ।

ଅତିରିକ୍ତ ମହାନିର୍ଦ୍ଦେଶକ୍-କୋଣାର୍କ ପୁରୀ ସମ୍ବାଦଦାତା

ଭାରତୀୟ ପ୍ରତ୍ନତତ୍ୱ ସଂସ୍ଥାର୍ ଅତିରିକ୍ତ ମହାନିର୍ଦ୍ଦେଶକ୍ ଆଏଜ୍ ଉପର୍‌ବେଲା କୋଣାର୍କ ସୂର୍ଯ୍ୟମନ୍ଦିର୍ ର ଜରୁରୀ ଅନୁଧ୍ୟାନ୍ କରିଛନ୍ । କୋଣାର୍କ ମନ୍ଦିରର୍ ଗର୍ଭଗୃହନୁ ବାଏଲ୍ କାଢ଼୍‌ବାର୍ କାମ୍‌କେ ନେଇକରି ବିଭାଗ୍‌ର ଅତିରିକ୍ତ ମହାନିର୍ଦ୍ଦେଶକ୍ ଜାନ୍‌ୱିଜ୍ ଶର୍ମା କୋଣାର୍କ ଗସ୍ତ କର୍‌ବାର୍ ସହେତେ ସୂର୍ଯ୍ୟମନ୍ଦିର୍‌ର ସବୁ ସ୍ଥିତିର୍ ଯାଂଚ୍ କରିଥିଲେ । ତାଙ୍କର୍

ସହେତେ ବୈଷୟିକ୍ ଦଲ୍, କୋର୍ କମିଟି ଆଉ ବହୁତ୍‌ଟେ ଅଧିକାରୀ ଭିଲ୍ ସାମିଲ୍ ହେଇକରି ମନ୍ଦିର୍ ପରିସର୍ ବୁଲିକରି ଯାଂଚ୍ କରିଛନ୍ । ଅତିରିକ୍ତ ମହାନିର୍ଦ୍ଦେଶକଙ୍କର୍ ଆଏଜ୍ ସ୍ଥିତି ଅନୁଧ୍ୟାନ୍ ଉତ୍‌ରୁ ଆଏବା ଦିନେ ଖୋବ୍ ଜଲ୍‌ଦି ବାଏଲ୍‌କଢ଼ା ପ୍ରକ୍ରିୟା ମୁଲ୍ ହେବା ବଲି ଆଶ୍ କରାଯାଉଛେ ।

ପି.ଆଇ.ବି. ର ପୂର୍ବାଂଚଳ ମହାନିର୍ଦ୍ଦେଶକ ପି.ଆଇ.ବି.

ଭାରତ୍ ସର୍‌କାର୍‌ଙ୍କର୍ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟ ଅଧୀନଥି ଥିବା ପତ୍ର ସୂଚନା କାର୍ଯ୍ୟାଳୟ- ପି.ଆଇ.ବି. ର ପୂର୍ବାଂଚଳ ମହାନିର୍ଦ୍ଦେଶକ ଟି.ଭି.କେ. ରେଡ୍ଡୀ ଆଏଜ୍ ଭୁବ୍‌ନେଶ୍ୱର୍ ପି.ଆଇ.ବି. ଆଉ ସି.ବି.ସି.ର ଆଂଚଲିକ୍ କାର୍ଯ୍ୟାଳୟ ବୁଲିକରି ଦେଖିଛନ୍ । ଇ ଅବ୍‌ସରେ ଶ୍ରୀ ରେଡ୍ଡୀ ପି.ଆଇ.ବି. ଆଉ ସି.ବି.ସି. ଭୁବ୍‌ନେଶ୍ୱର୍‌ର ଭିନ୍ ଭିନ୍ କାମ୍‌କାଜ୍, ଉପଲବ୍ଧି ଆଉ ଚାଲିଥିବା କାମ୍ ମାନ୍‌କର୍ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଶ୍ରୀ ରେଡ୍ଡୀ କହିଛନ୍, ଲୁକ୍‌କର୍ ସାଙ୍ଗେ ସିଧାସଲଖ୍ ସମ୍ପର୍କ ଯୋଗାଯୋଗ୍ ବ୍ୟବଧାନ୍‌କେ ପୁରା

କର୍‌ବାର୍ ଆଉ ଅଏତ୍‌କା ସଚେତନତା ବଢ଼ାବା ସହେତେ ସାର୍ବଜନୀନ ପ୍ରସାର୍ ପଦକ୍ଷେପ୍‌ର ପ୍ରଭାବ୍‌କେ ବର୍‌କସ୍ କର୍‌ବାର୍‌ଥି ସାହାଜ୍ କରିପାର୍‌ବା । ଇ ଅବ୍‌ସରେ ପି.ଆଇ.ବି. ଆଉ ସି.ବି.ସି. ଭୁବ୍‌ନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ୍ ଅଖିଳ କୁମାର୍ ମିଶ୍ରଙ୍କର୍ ସହେତେ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ସହରୀ ସୁବିଧା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଗାଁ ଇଲାକା ନ ସହରୀ ସୁବିଧା ଦେବାର୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ବଲି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ଗ୍ରାମ୍ ପଂଚାୟତ୍‌କେ ବର୍‌କସ୍, ଆଧୁନିକ୍ ଆଉ ସବୁ ସୁବିଧା ପୁହୁଁଚାବାର୍ ଲାଗି ବିଭାଗ୍ ତର୍‌ଫୁ କାର୍ଯ୍ୟଖସଡ଼ା ତିଆର୍ କରାଯାଇଛେ । ପଂଚାୟତ୍ ନ ଆଦର୍ଶ ଖେଲ୍‌ପଡ଼ିଆ, କଲ୍ୟାଣ୍‌ମଣ୍ଡପ୍, ଗ୍ରାମୀଣ ହାଟ ତିଆର୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ । ତ୍ରୁଣମୂଲ୍ ସ୍ତର୍ ନ ଖେଲ୍‌ପ୍ରତିଭାକେ ଚିହ୍ନଟ୍ କର୍‌ବାର୍ ଲାଗି ସର୍‌କାର୍ ଆଦର୍ଶ

ଖେଲ୍ ପଡ଼ିଆ ତିଆର୍ କର୍ବେ । ଇଥିର୍‌ଲାଗି ୭୫ ଲାଖ୍ ଟଙ୍କା ଖର୍ଚ୍ଚା କରାଯିବା । ସେନ୍ତା ଆଦର୍ଶ କଲ୍ୟାଣ୍ ମଣ୍ଡପ୍ ଲାଗି ୪୯ ଲାଖ୍ ଟଙ୍କା ଖର୍ଚ୍ଚା କରାଯିବା ବଲି ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପଂଚାୟତିରାଜ୍ ମନ୍ତ୍ରୀ)

ପର୍‌ମିଟ୍ ଫି'କେ ଛାଡ୍    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ବେଟ୍‌ରୀ, ମେଥାନଲ୍ ଆଉ ଇଥାନଲ୍ ଇନ୍ଧନ୍‌ଥି ଚାଲୁଥିବା ସବୁ ଗାଡ଼ିମଟର୍ ମାନ୍‌କର୍ ପର୍‌ମିଟ୍ ଫି'କେ ଛାଡ୍ କରାଯିବା । ଇତାକେ ନେଇକରି ରାଜ୍ୟ ବାଣିଜ୍ୟ ପରିବହନ୍ ବିଭାଗ୍ ତର୍‌ଫୁ ଗୁଟେ ବିଜ୍ଞପ୍ତି ଜାରି କରାଯାଇଛେ । ଇ ନିୟମ୍ ଅଧୀନ୍‌ଥି ଯୋଗ୍ୟ ଗାଡ଼ି ମାନ୍‌କୁ ପରିବହନ୍ କର୍ତ୍ତୃପକ୍ଷଙ୍କର୍ ଜରିଏ ବିନା କେନ୍‌ସି ପର୍‌ମିଟ୍ ଦେୟଥି ଉପଯୁକ୍ତ ପର୍‌ମିଟ୍ ଦିଆଯବା । ହେଲେ ୩ ହଜାର୍ କେ.ଜି. ନୁ କମ୍ ଜି.ଭି.ଡବ୍ଲୁ. ଥିବା ମାଲ୍ ପରିବହନ୍ ଗାଡ଼ି ମାନେ ଇ ଫି' ଛାଡ୍ ବ୍ୟବସ୍ଥାନୁ ବାଦ୍ ପଡ୍‌ବେ । ରାଜ୍ୟ ସର୍‌କାର୍‌ଙ୍କର୍ ଇ ପଦକ୍ଷେପ୍ ଜରିଏ ରାଏଜେ ବୈଦ୍ୟୁତିକ ଗାଡ଼ିର୍ ବେଭାର୍ ବଢ୍‌ବା । ଆଉ

ପ୍ରଦୂଷଣ୍ ନିୟନ୍ତ୍ରଣ୍ ଦିଗେ ଇଟା ସାହାଜ୍ କର୍‌ବା ବଲି ଆଶ୍ କରାଯାଉଛେ ।

ଜାତୀୟ ସଦ୍‌ଭାବନା ଦିବସ ଆର୍‌ଏନ୍‌ୟୁ/ କଟକ୍

ବିବିଧତା ଭିତ୍‌ରେ ଏକତା ଭାରତ୍‌ର ପରିଚୟ ଆଏ । ବହୁତ୍‌ଟେ ଭାଷା, ଧର୍ମ, ସଂସ୍କୃତି ଆଉ ପରମ୍ପରାକେ ନେଇକରି ଦେଶ୍ ଗଢ଼ି ଉଠିଛେ । ଇ ବିବିଧତା ଭିତ୍‌ରେ ଭାଇଚାରା ନିଜର୍ ଭିତ୍‌ରେ ସମ୍ମାନ୍ ଆଉ ଏକତାର୍ ଭାବ୍‌ନାକେ ଅଏତ୍‌କା ବର୍‌କସ୍ କର୍‌ବାର୍ ବାର୍ତା ନେଇକରି ଫି' ବଛର୍ ଆଝିର୍ ଦିନେ ଜାତୀୟ ସଦ୍‌ଭାବନା ଦିବସ୍ ପାଲନ୍ କରାଯାଏସି । ଆଘର୍ ପ୍ରଧାନ୍‌ମନ୍ତ୍ରୀ ରାଜୀବ୍‌ଗାନ୍ଧୀଙ୍କର୍ ଜନମ୍‌ଦିନ୍‌କେ ୨୦୦୮ ମସିହାନୁ ସଦ୍‌ଭାବନା ଦିବସ୍ ଭାବେ ପାଲନ୍ କର୍‌ବାର୍‌କେ ନିଷ୍ପତି ନିଆଯାଇଥିଲା । ଦେଶର୍ ଏକତା, ଅଖଣ୍ଡତା ଆଉ ସାମାଜିକ୍ ସଦ୍‌ଭାବନା ଲାଗି ଜନସାଧାରଣ୍‌ଙ୍କର୍ ପ୍ରତିବଦ୍ଧତାକେ ଇ ଦିବସ୍ ଆହୁରି ବର୍‌କସ୍ କର୍‌ସି ।

ବିଶ୍ୱ ମଶା ଦିବସ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ମଶା ଦିବସ୍ । ବ୍ରିଟିଶ୍ ଡାକ୍ତର୍ ସାର୍ ରୋନାଲ୍ଡରସ୍ ୧୮୯୭ ମସିହାଥି ଆଝିର୍ ଦିନେ ତାଙ୍କର୍ ଆବିଷ୍କାର୍ ଜରିଏ ପୁର୍‌ଥିବାସୀକେ ଜନେଇଥିଲେ ଯେ, ମାଇ ଏନୋଫିଲିସ୍ ମଶା ଚାବ୍‌ଲେ ମେଲେରିଆ ଜର୍ ହେସି । ସାର୍ ରୋନାଲ୍ଡରସ୍‌ଙ୍କର୍ ଅବଦାନ୍‌କେ ମନେ ପକାବାର୍ ଲାଗି ଫି’ ବଛର୍ ଆଝିରର୍ ଦିନ୍‌କେ ବିଶ୍ୱ ମଶା ଦିବସ୍ ଭାବେ ପାଲନ୍ କରାଯାଉଛେ । ତାଙ୍କୁ ଇ ଆବିଷ୍କାର୍ ଲାଗି ୧୯୦୨ ମସିହା ନ ସମ୍ମାନ୍ ଜନକ୍ ନୋବେଲ୍ ପୁରସ୍କାର୍ ମିଲିଥିଲା । ମଶା ଚାବ୍‌ବାର୍ ସମସ୍ୟା ଆର୍ ଇ ବାବ୍‌ଦର୍ ରୋଗ୍ ଫଇଲିବାର୍ ବିଷେଥି ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ବିଶ୍ୱ ମଶା ଦିବସ୍ ପାଲନ୍‌ର ମୂଲ୍ ଲକ୍ଷ୍ୟ । ଭିନ୍ ଭିନ୍ ମଶାବାହିତ ରୋଗ୍‌ଥି ଫି’ ବଛର୍ ବହୁତ୍ ଲୋକ୍ ଆକ୍ରାନ୍ତ୍ ହେବାର୍ ସହେତେ ସେମାନ୍‌କର୍ ଜୀବନ୍ ଯାଉଛେ । ମଶା ଲାଗି ମେଲେରିଆ, ଡେଙ୍ଗୁ, ଚିକନ୍‌ଗୁନିଆ, ଜାପାନିଜ୍ ଏନ୍‌ସେଫାଲାଇଟିସ୍, ଜିକା ଭାଇରସ ଆଉ ଫାଇଲେରିଆ ବାଗିର୍ ମାରାତ୍ମକ୍ ରୋଗ୍ ଚାପ୍‌ସି । ଫି’

ବଛର୍ ୨ ଶହ ନିୟୁତ ନୁ ଅଏତ୍‌କା ଲୋକ୍ ମେଲେରିଆଥି ଆକ୍ରାନ୍ତ ହେସନ୍ । ଓଡ଼ିଶା ବାଗିର୍ ଗୁଟେ ଆଦ୍ର ଭୂମି ନ ମେଲେରିଆ ବାଗିର୍ ମଶାବାହିତ୍ ରୋଗ୍ ବହୁତ୍‌ଟେ ସାମ୍ନାକେ ଆଏସି । ଇତାର୍ ମୁକାବିଲା ସହେତେ ଆଏବା ୨୦୩୦ ଶେଷ୍‌ତକ୍ ଓଡ଼ିଶାକେ ମେଲେରିଆ ମୁକ୍ତ କର୍‌ବାର୍ ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ଲକ୍ଷ୍ୟ ଧାରିଜ୍ କରିଛନ୍ । ମଶା ବାହିତ ରୋଗ୍ ବାବ୍‌ଦେ ବୁର୍ଲା ଭୀମସାରର ସହକାରୀ ଅଧାପକ ଡାକ୍ତର୍ ସଞ୍ଜିବ୍ କୁମାର୍ ମିଶ୍ର କହିଛନ୍...

(ଭଏସ୍ ଓଭର୍- ସଞ୍ଜିବ୍ କୁମାର୍ ମିଶ୍ର )

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ଆଏବା ଶନିବାର୍ ତକ୍ ଆଉ ଗୁଟେ ଲଘୁଚାପ୍ କ୍ଷେତ୍ର ହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଇତାର୍ ପ୍ରଭାବ୍‌ଥି ପର୍ଶ୍ଚିମ୍, ଉତର୍ ଆଉ ସମୁଦ୍ରଖଁଡ଼ି ଇଲାକାମାନ୍‌କେ ଜବର୍ ବର୍ଷା ହେଇପାରେ । ଆଏବା ୨୪ ଘଂଟା ଭିତ୍‌ରେ ମୟୁର୍‌ଭଞ୍ଜ୍, କେନ୍ଦୁଝର୍ ଆଉ

ବାଲେଶ୍ୱର୍ ଜିଲ୍ଲାକେ ଜବର୍ ବର୍ଷା ହେବା ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଆଏବା କାଏଲ୍ ୧୪ ଟା ଜିଲ୍ଲା ନ ବିଜ୍ଲି ଘଡ଼୍ଘଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ ।